# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**06 October - 2023**

**News Editor : TAPAN KUMAR MOHARANA**

*********************************

## ମୁଖ୍ୟ ସମ୍ବାଦ

- ମାଓ ଦମନ ପାଇଁ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ମାଓବାଦୀ ମୁକାବିଲା ସଂକ୍ରାନ୍ତ ବୈଠକରେ କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା

- ପୁରୀରେ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ଫାଇଭ୍-ଟି ସଚିବ

— ଆସନ୍ତା ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

- ଏସୀୟ କ୍ରୀଡାର ପୁରୁଷ ହକିରେ ଭାରତ ଜିତିଲା ସ୍ୱର୍ଣ୍ଣପଦକ

ଏବଂ

- ଶ୍ରୀମନ୍ଦିରରେ ଷୋଡଶ ଦିନାତ୍ମକ ପୂଜା ପାରମ୍ପରିକ ରୀତି ମତେ ଆଜିଠାରୁ ଆରମ୍ଭ

# ମାଓ ବୈଠକ-ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀଠାରେ ମାଓବାଦୀ ମୁକାବିଲା ସଂକ୍ରାନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ମାଓବାଦୀଙ୍କ ସ୍ଥିତି ଏବଂ ମୁକାବିଲା ରଣନୀତି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ଏହି ବୈଠକରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ କହିଥିଲେ, ମାଓ ମୁକାବିଲା କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ରାଜ୍ୟ ସରକାରଙ୍କ ସକ୍ରିୟ ବିକାଶମୂଳକ ପଦକ୍ଷେପ ଏବଂ ଜନକଲ୍ୟାଣକାରୀ ନୀତି ଯୋଗୁଁ ମାଓ ଅଧ୍ୟୁଷିତ ଅଞ୍ଚଳରେ ପରିବର୍ତ୍ତନ ଆସିଛି।

ଓଡ଼ିଶାର ମାଓ ଦମନ କାର୍ଯ୍ୟକଳାପ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ସନ୍ତୋଷ ବ୍ୟକ୍ତ କରିବା ସହ ଆସନ୍ତାବର୍ଷ ସମଗ୍ର ଦେଶରୁ ମାଓ କାର୍ଯ୍ୟକଳାପର ମୂଳୋତ୍ପାଟନ କରାଯିବ ବୋଲି କହିଛନ୍ତି। ଏଥିନିମନ୍ତେ ରାଜ୍ୟ ସରକାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ବୈଠକରେ ସେ ସୂଚନା ଦେଇଛନ୍ତି।  ଦୀର୍ଘଦିନ ଧରି ମାଓବାଦୀ ଜିଲ୍ଲା ଭାବେ ପରିଚିତ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳକୁ ସୁରକ୍ଷାବଳ ନିଜ ନିୟନ୍ତ୍ରଣକୁ ଆଣିପାରିଛି। ସେହି ଅଞ୍ଚଳ ପ୍ରତ୍ୟେକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଦ୍ୱାରା ସାମାଜିକ, ଅର୍ଥନୈତିକ, ରାଜନୈତିକ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛି।

ଏଥିସହ ଗୁରୁପ୍ରିୟା ସେତୁ ନିର୍ମାଣ ଯୋଗୁଁ ସେହି ଅଞ୍ଚଳରେ ରହୁଥିବା  ଲୋକଙ୍କ ଜୀବନ ଓ ଜୀବିକାରେ ପରିବର୍ତ୍ତନ ଦେଖାଦେଇଛି।  ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସ ଓ ପାରାମେଡିକାଲ ସଂଖ୍ୟାକୁ ସମ୍ପ୍ରସାରିତ କରାଯାଇଛି। ଏଥିସହ ବୋଟ ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ ଆରମ୍ଭ କରାଯାଇଛି। ଛାତ୍ରଛାତ୍ରୀଙ୍କ ପାଠପଢ଼ାର ସୁବିଧା ପାଇଁ ୭ ହଜାରରୁ ଅଧିକ ସ୍ମାର୍ଟ ଫୋନ୍ ବଣ୍ଟନ କରାଯାଇଛି।

# ପରିକ୍ରମା ପ୍ରକଳ୍ପ

ପୁରୀ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଶେଷ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଫାଇଭ୍-ଟି ସଚିବ ଭି.କେ.ପାଣ୍ଡିଆନ୍ ଆଜି ପୁରୀରେ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଶ୍ରୀକ୍ଷେତ୍ରକୁ ଆସୁଥିବା ଯାତ୍ରୀ ଏବଂ ସେବାୟତଙ୍କ ଦୁଇଚକିଆ ଯାନ ପାର୍କିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ସହ ବାହ୍ୟ ରାସ୍ତାକୁ ଜବରଦଖଲ ମୁକ୍ତ ରଖିବା ପାଇଁ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନଙ୍କୁ ଫାଇଭ୍-ଟି ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମଠଗୁଡ଼ିକର ଐତିହ୍ୟ, କାରୁକାର୍ଯ୍ୟକୁ ଅକ୍ଷୁଣ୍ଣ ରଖି ଏହାର ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ସେହିଭଳି ଯଥାଶୀଘ୍ର ବିଦ୍ୟୁତ୍ ସବ୍‌ଷ୍ଟେସନ୍ କାର୍ଯ୍ୟ ଶେଷ କରିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ପାଇଁ ଟାଟା ପାୱାରକୁ କୁହାଯାଇଛି। ଜଗନ୍ନାଥବଲ୍ଲଭ ପାର୍କିଂସ୍ଥଳ ଏବଂ ଶ୍ରୀସେତୁ ନିର୍ମାଣ କାର୍ଯ୍ୟ ସମୀକ୍ଷା କରି ଏହି ସ୍ଥାନରେ ଯାତ୍ରୀମାନଙ୍କୁ ଯେପରି ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଇ ପାରିବ ସେ ସମ୍ପର୍କରେ ଶ୍ରୀ ପାଣ୍ଡିଆନ୍ ପ୍ରକଳ୍ପ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷା ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ସଚିବ, ପୁରୀ ଜିଲ୍ଲାପାଳ, ଏସ୍‌ପି, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଏବଂ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ମେଟ୍ରୋ ପ୍ରକଳ୍ପ

କଟକ-ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ଡିପିଆରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଖୁବ୍ ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଛି। ଏହି ପ୍ରକଳ୍ପ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଅତିରିକ୍ତ ବଜେଟ୍‌ରେ ୨୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟ ସରକାର ଆସନ୍ତା ୪ ବର୍ଷ ମଧ୍ୟରେ ଏହି ପ୍ରକଳ୍ପ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ବିଏମ୍ଆରସିକୁ ପ୍ରତିବର୍ଷ ୧୫ଶହ କୋଟି ଟଙ୍କା ରାଜ୍ୟ ସରକାର ପ୍ରଦାନ କରିବେ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୬ ହଜାର କୋଟି ଟଙ୍କା ଆବଶ୍ୟକ ପଡିବ ବୋଲି ଡିପିଆର ପ୍ରସ୍ତୁତକାରୀ ଦିଲ୍ଲୀ ମେଟ୍ରୋ ରାଜ୍ୟ ସରକାରଙ୍କୁ ସୂଚନା ଦେଇଛି।

# ନୋବେଲ ପୁରସ୍କାର

ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ଇରାନ୍‌ର ୫୧ ବର୍ଷିୟା ମହିଳା ନର୍ଗିସ୍ ମହମ୍ମଦୀ ପାଇବେ। ସେ ମାନବ ଅଧିକାର ତଥା ମହିଳାଙ୍କ ଅଧିକାର ପାଇଁ କାର୍ଯ୍ୟ କରୁଛନ୍ତି। ଇରାନ୍‌ରେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରର ବିରୋଧ ତଥା ସମସ୍ତଙ୍କ ପାଇଁ ମାନବିକ ଅଧିକାର ଓ ସ୍ୱାଧୀନତାର ପ୍ରଚାର ପାଇଁ କାମ କରୁଥିବାରୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର-୨୦୨୩ ପ୍ରଦାନ କରିବାକୁ ନରୱେ ନୋବେଲ ପୁରସ୍କାର କମିଟି ପକ୍ଷରୁ ଘୋଷଣା କରାଯାଇଛି।

## ବିଦେଶୀ ଶିକ୍ଷା

ରାଜ୍ୟର ଛାତ୍ରଛାତ୍ରୀମାନେ ଯେପରି ଗୁଣାତ୍ମକ ବିଦେଶୀ ଶିକ୍ଷା ପାଇପାରିବେ ଏବଂ ବ୍ରେନ୍‌ଡ୍ରେନ୍‌କୁ ରୋକାଯାଇ ପାରିବ ସେ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଜରିଆରେ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନର ଶାଖା ଖୋଲିବା ସହ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଉଚ୍ଚଶିକ୍ଷା ମିଳିବ। ଏଥିସହ ପ୍ରାଧ୍ୟାପକମାନଙ୍କର ଜ୍ଞାନବୃଦ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡିଛି।  ଏହି ପରିପ୍ରେକ୍ଷୀରେ ଆସନ୍ତା ଡିସେମ୍ବର ୧ ତାରିଖରୁ ୩ ତାରିଖ ଯାଏଁ ରାଜ୍ୟ ସରକାର ଏଡୁକନ୍‌କ୍ଲେଭ୍‌ର ଆୟୋଜନ କରିବେ। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ବିଭାଗର ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହନ ଦେବା ସହ ଶିକ୍ଷା ରୂପାନ୍ତରଣରେ ପରିବର୍ତ୍ତନ ଆଣିବା ପାଇଁ ରାଜ୍ୟ ସରକାର ଚେଷ୍ଟା ଆରମ୍ଭ କରିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ହେଉଥିବା ଅନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ୫୦ଟି ଦେଶର ଶିକ୍ଷାମନ୍ତ୍ରୀ ଯୋଗଦେବେ ବୋଲି ଜଣାପଡିଛି।

## ସଂକଳ୍ପ ସପ୍ତାହ

**ଗଜପତି** ଜିଲ୍ଲାରେ ଆକାଂକ୍ଷୀ ବ୍ଲକ୍ ଗୁମ୍ମା ଅନ୍ତର୍ଗତ ଅନୁକୁଣ୍ଡା ସେକ୍ଟରର ଅଙ୍ଗନୱାଡ଼ିଠାରେ କେନ୍ଦ୍ର ସରକାରଙ୍କ ସଂକଳ୍ପ ଶପଥ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଗର୍ଭବତୀ, ପ୍ରସୂତୀ ମାଆ ଓ ଶିଶୁମାନଙ୍କର ପୁଷ୍ଟିକର ଖାଦ୍ୟ,

ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯିବା ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏହି ଅବସରରେ କିଶୋରୀ ବାଳିକା, ଆଶା ଅଙ୍ଗନୱାଡି କର୍ମୀ ଓ ମହିଳାମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ସ୍ଥାନୀୟ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । **ନବରଙ୍ଗପୁର** ଜିଲ୍ଲାର ଆକାଂକ୍ଷୀ ବ୍ଲକ୍ ତେନ୍ତୁଳିଖୁଣ୍ଟି ଓ ଡାବୁଗାଁରେ ସଂକଳ୍ପ ସପ୍ତାହ ପାଳିତ ହୋଇଛି । ସମସ୍ତଙ୍କ ଆକାଂକ୍ଷା, ସମସ୍ତଙ୍କ ବିକାଶକୁ ନେଇ ପାଳିତ ହେଉଥିବା ଏହି ସପ୍ତାହ ଅବସରରେ କୃଷି ମହୋତ୍ସବ ଅନୁଷ୍ଠିତ ହୋଇଛି । ଏହି କୃଷି ମେଳାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସମୃଦ୍ଧି ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏଥିସହ ମିଲେଟ୍ ଚାଷ ପ୍ରୋତ୍ସାହନ ପାଇଁ କେନ୍ଦ୍ର ସରକାର ଦେଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । **ରାୟଗଡ଼ା** ଜିଲ୍ଲାର ଆକାଂକ୍ଷୀ ବ୍ଲକ ମୁନିଗୁଡ଼ାଠାରେ ସଂକଳ୍ପ ସପ୍ତାହ ଅବସରରେ କୃଷି ମହୋତ୍ସବ ପାଳିତ ହୋଇଯାଇଛି ।

## ପୁରସ୍କାର ବିତରଣ-ଆକାଶବାଣୀ

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଆଜି **ହିନ୍ଦୀ ପକ୍ଷ** ପାଳନର ସମାପନ ସମାରୋହ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ହିନ୍ଦୀ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ର ହିନ୍ଦୀ ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର କେ.ବିଜୟ କୁମାର ଯୋଗଦେଇ କହିଛନ୍ତି, ହିନ୍ଦୀ ସହ ଅନ୍ୟ ଆଞ୍ଚଳିକ ଭାଷାକୁ ମଧ୍ୟ ଗୁରୁତ୍ୱ

ଦିଆଯିବାର ଆବଶ୍ୟକତା ରହିଛି । ଏହି ଅବସରରେ ସେ ଶବ୍ଦକୁ ନେଇ ବାକ୍ୟ ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ପ୍ରସିଦ୍ଧ ହାସ୍ୟ ବ୍ୟଙ୍ଗ କବି କିଶନ ଖଣ୍ଡେଲଓ୍ୱାଲ୍, ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ତଥା ଉପ ମହାନିର୍ଦ୍ଦେଶକ ପ୍ରକାଶ କୁମାର ପତି କାର୍ଯ୍ୟକ୍ରମ ମୁଖ୍ୟ ତରୁଣକାନ୍ତି ରାଉତ୍, ରାଜଭାଷା ବିଭାଗର ସହାୟକ ନିର୍ଦ୍ଦେଶକ ସସ୍ମିତା ଦାଶଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଏସିଆନ୍ ଗେମ୍ସ

ଚୀନର ହାଙ୍ଗ୍‌ଝୌ ଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଆଜି ଭାରତକୁ ହକିରେ ସ୍ୱର୍ଣ୍ଣ ପଦକ ମିଳିଛି । ଜାପାନକୁ ୫-୧ ଗୋଲ୍‌ରେ ପରାସ୍ତ କରି ଭାରତ ସ୍ୱର୍ଣ୍ଣପଦକ ଜିତିବା ସହ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛି । ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂ ସର୍ବାଧିକ ଦୁଇଟି ଗୋଲ ଦେଇଥିଲେ । ସେହିପରି ମନପ୍ରୀତ୍ ସିଂ, ଅଭିଷେକ, ଅମିତ ରୋହିଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ସେମି ଫାଇନାଲରେ କୋରିଆକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା । ସୂଚନାଯୋଗ୍ୟ, ଭାରତୀୟ ପୁରୁଷ ହକି ଟିମ୍ ଏସିଆ କ୍ରୀଡାରେ ଚତୁର୍ଥ ଥର ପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଛି ।

ଏହି ସ୍ୱର୍ଣ୍ଣପଦକ ସହ ଭାରତ ଏପର୍ଯ୍ୟନ୍ତ ମୋଟ୍ ୮୯ଟି ପଦକ ହାସଲ କରିଛି । ସେଥି ମଧ୍ୟରେ ୨୨ଟି ସ୍ୱର୍ଣ୍ଣ, ୩୨ଟି ରୌପ୍ୟ ଓ ୩୫ଟି ବ୍ରୋଞ୍ଜ ପଦକ ରହିଛି । ପଦକ ତାଲିକାରେ ଭାରତ ଚତୁର୍ଥ ସ୍ଥାନରେ ଅଛି ।

ଏସିଆ କ୍ରୀଡାରେ ପୁରୁଷ ହକି ସ୍ୱର୍ଣ୍ଣ ପଦକ ଜିତିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି ।

## ଶ୍ରୀମନ୍ଦିରରେ ବ୍ରାହ୍ମଣ ବରଣୀ-ଷୋଡଶ ପୂଜା

ପୁରୀ ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମା'ବିମଳାଙ୍କ ଷୋଡଶ ଦିନାତ୍ମକ ଶାରଦୀୟ ପୂଜା ଉତ୍ସବ ଆଜିଠାରୁ ପାରମ୍ପରିକ ରୀତିମତେ ଆରମ୍ଭ ହୋଇଛି । ବିମଳାଙ୍କ ସମେତ ଦୁର୍ଗାଙ୍କ ଚଳନ୍ତି ପ୍ରତିମାଙ୍କୁ ସହସ୍ର କୁମ୍ଭାଭିଷେକ କରାଯିବା ପରେ ଦୁର୍ଗାମାଧବଙ୍କୁ ଗୋଟିଏ ସିଂହାସନରେ ରୁନ୍ଧାଯାଇଥିଲା । ଆଜି ମୂଳାଷ୍ଟମୀ ଅବସରରେ ପୂଜାପାଇଁ ଶ୍ରୀନଅରରେ ବ୍ରାହ୍ମଣମାନଙ୍କୁ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ଦ୍ୱାରା ବରଣ କରାଯାଇଥିଲା । ଏଥିଲାଗି ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଗଜପତି ଶ୍ରୀଦିବ୍ୟସିଂହ ଦେବ ବିଧିବ୍ୟବସ୍ଥା ମତେ ରାଜଗୁରୁ ଓ ପୁରୋହିତଙ୍କ ଉପସ୍ଥିତିରେ ବ୍ରାହ୍ମଣମାନଙ୍କୁ ଗୁଆ ନଡିଆ ଦେଇ ବରଣ କରିବା ପରେ ବିଭିନ୍ନ ଦେବୀପୀଠକୁ ପୂଜାର୍ଚ୍ଚନା କରିବାଲାଗି ପଠାଯାଇଥିଲା । ବିମଳାଙ୍କ ମନ୍ଦିରରେ ପୂଜା, ଜପ, ଚଣ୍ଡୀପାଠ ଆଦି ଷୋଡଶ ଉପଚାରରେ ଏବେ ପୂଜା କରାଯାଉଛି । ଏହି ଅବସରରେ ମା'ଙ୍କର ବିଭିନ୍ନ ବେଶ ଅନୁଷ୍ଠିତ ହେଉଛି । ମା'ଙ୍କୁ ଦର୍ଶନ କରିବାପାଇଁ ଆଜି ଶ୍ରୀମନ୍ଦିରରେ ହଜାର ହଜାର ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଛି ।

## ରୋଷେଇ ପ୍ରତିଯୋଗିତା

କେନ୍ଦ୍ରାପଡ଼ା ଜିଲ୍ଲାରେ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଉପଲକ୍ଷେ ଆଜି ଏକ ରୋଷେଇ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଘରୋଇ ସ୍ତରରେ ପୁଷ୍ଟିଶସ୍ୟ ଖାଦ୍ୟର ବ୍ୟବହାରକୁ ପ୍ରୋତ୍ସାହନ, ଦେଶୀ କିସମର ବିହନ ସଂରକ୍ଷଣ, ପୁଷ୍ଟିଶସ୍ୟ ଫସଲର ଉତ୍ପାଦନ ଓ ବଜାର ସୁବିଧା ଆଦି ସଚେତନତା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ମତପୋଷଣ କରିଥିଲେ ।

*********************************